www.a2zSubjects.com

# PAPER-II
# ODIA

**Signature and Name of Invigilator**

1. (Signature) ____________________________
   (Name) ____________________________
2. (Signature) ____________________________
   (Name) ____________________________

**D 2 3 1 4**

OMR Sheet No. : ..............................................
(To be filled by the Candidate)

Roll No. | | | | | | | | |
(In figures as per admission card)

Roll No.________________________________
(In words)

Time : 1 $^{1}/_{4}$ hours] [Maximum Marks : **100**

Number of Pages in this Booklet : **12**

Number of Questions in this Booklet : **50**

## Instructions for the Candidates

1. Write your roll number in the space provided on the top of this page.
2. This paper consists of fifty multiple-choice type of questions.
3. At the commencement of examination, the question booklet will be given to you. In the first 5 minutes, you are requested to open the booklet and compulsorily examine it as below :
   (i) To have access to the Question Booklet, tear off the paper seal on the edge of this cover page. Do not accept a booklet without sticker-seal and do not accept an open booklet.
   (ii) **Tally the number of pages and number of questions in the booklet with the information printed on the cover page. Faulty booklets due to pages/questions missing or duplicate or not in serial order or any other discrepancy should be got replaced immediately by a correct booklet from the invigilator within the period of 5 minutes. Afterwards, neither the Question Booklet will be replaced nor any extra time will be given.**
   (iii) After this verification is over, the OMR Sheet Number should be entered on this Test Booklet.
4. Each item has four alternative responses marked (A), (B), (C) and (D). You have to darken the circle as indicated below on the correct response against each item.
   **Example :** (A) (B) ● (D)
   where (C) is the correct response.
5. Your responses to the items are to be indicated in the **OMR Sheet given inside the Paper I Booklet only.** If you mark at any place other than in the circle in the OMR Sheet, it will not be evaluated.
6. Read instructions given inside carefully.
7. Rough Work is to be done in the end of this booklet.
8. If you write your Name, Roll Number, Phone Number or put any mark on any part of the OMR Sheet, except for the space allotted for the relevant entries, which may disclose your identity, or use abusive language or employ any other unfair means such as change of response by scratching or using white fluid, you will render yourself liable to disqualification.
9. You have to return the test question booklet and Original OMR Sheet to the invigilators at the end of the examination compulsorily and must not carry it with you outside the Examination Hall. You are, however, allowed to carry original question booklet and duplicate copy of OMR Sheet on conclusion of examination.
10. **Use only Blue/Black Ball point pen.**
11. **Use of any calculator or log table etc., is prohibited.**
12. **There is no negative marks for incorrect answers.**

## परीक्षार्थियों के लिए निर्देश

1. इस पृष्ठ के ऊपर नियत स्थान पर अपना रोल नम्बर लिखिए ।
2. इस प्रश्न-पत्र में पचास बहुविकल्पीय प्रश्न हैं ।
3. परीक्षा प्रारम्भ होने पर, प्रश्न-पुस्तिका आपको दे दी जायेगी । पहले पाँच मिनट आपको प्रश्न-पुस्तिका खोलने तथा उसकी निम्नलिखित जाँच के लिए दिये जायेंगे, जिसकी जाँच आपको अवश्य करनी है :
   (i) प्रश्न-पुस्तिका खोलने के लिए उसके कवर पेज पर लगी कागज की सील को फाड़ लें । खुली हुई या बिना स्टीकर-सील की पुस्तिका स्वीकार न करें ।
   (ii) **कवर पृष्ठ पर छपे निर्देशानुसार प्रश्न-पुस्तिका के पृष्ठ तथा प्रश्नों की संख्या को अच्छी तरह चैक कर लें कि ये पूरे हैं । दोषपूर्ण पुस्तिका जिनमें पृष्ठ/प्रश्न कम हों या दुबारा आ गये हों या सीरियल में न हों अर्थात् किसी भी प्रकार की त्रुटिपूर्ण पुस्तिका स्वीकार न करें तथा उसी समय उसे लौटाकर उसके स्थान पर दूसरी सही प्रश्न-पुस्तिका ले लें । इसके लिए आपको पाँच मिनट दिये जायेंगे । उसके बाद न तो आपकी प्रश्न-पुस्तिका वापस ली जायेगी और न ही आपको अतिरिक्त समय दिया जायेगा ।**
   (iii) इस जाँच के बाद OMR पत्रक की क्रम संख्या इस प्रश्न-पुस्तिका पर अंकित कर दें ।
4. प्रत्येक प्रश्न के लिए चार उत्तर विकल्प (A), (B), (C) तथा (D) दिये गये हैं । आपको सही उत्तर के वृत्त को पेन से भरकर काला करना है जैसा कि नीचे दिखाया गया है ।
   **उदाहरण :** (A) (B) ● (D)
   जबकि (C) सही उत्तर है ।
5. प्रश्नों के उत्तर **केवल प्रश्न पत्र I के अन्दर दिये गये OMR पत्रक पर ही** अंकित करने हैं । यदि आप OMR पत्रक पर दिये गये वृत्त के अलावा किसी अन्य स्थान पर उत्तर चिह्नांकित करते हैं, तो उसका मूल्यांकन नहीं होगा ।
6. अन्दर दिये गये निर्देशों को ध्यानपूर्वक पढ़ें ।
7. कच्चा काम (Rough Work) इस पुस्तिका के अन्तिम पृष्ठ पर करें ।
8. यदि आप OMR पत्रक पर नियत स्थान के अलावा अपना नाम, रोल नम्बर, फोन नम्बर या कोई भी ऐसा चिह्न जिससे आपकी पहचान हो सके, अंकित करते हैं अथवा अभद्र भाषा का प्रयोग करते हैं, या कोई अन्य अनुचित साधन का प्रयोग करते हैं, जैसे कि अंकित किये गये उत्तर को मिटाना या सफेद स्याही से बदलना तो परीक्षा के लिये अयोग्य घोषित किये जा सकते हैं ।
9. आपको परीक्षा समाप्त होने पर प्रश्न-पुस्तिका एवं मूल OMR पत्रक निरीक्षक महोदय को लौटाना आवश्यक है और परीक्षा समाप्ति के बाद उसे अपने साथ परीक्षा भवन से बाहर न लेकर जायें । हालांकि आप परीक्षा समाप्ति पर मूल प्रश्न-पुस्तिका तथा OMR पत्रक की डुप्लीकेट प्रति अपने साथ ले जा सकते हैं ।
10. **केवल नीले/काले बाल प्वाईंट पेन का ही इस्तेमाल करें ।**
11. **किसी भी प्रकार का संगणक (कैलकुलेटर) या लाग टेबल आदि का प्रयोग वर्जित है ।**
12. **गलत उत्तरों के लिए कोई नकारात्मक अंक नहीं हैं ।**



www.a2zSubjects.com

www.a2zSubjects.com

**ODIA**
**ଓଡ଼ିଆ**

**Paper – II**
**ପ୍ରଶ୍ନପତ୍ର – II**

**Note :** This paper contains **fifty (50)** objective type questions, each question carrying **two (2)** marks. Attempt **all** the questions.

**ନିର୍ଦ୍ଦେଶ :** ଏହି ପତ୍ରରେ **ପଚାଶ (50)ଟି** ବିବିଧ ପସନ୍ଦ ଭିତ୍ତିକ ପ୍ରଶ୍ନ ରହିଛି । ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ **ଦୁଇ(2)** । **ସମସ୍ତ** ପ୍ରଶ୍ନର ଉତ୍ତର ଦିଅ ।

**1.** ମୁକ୍ତ ଅକ୍ଷର ଶେଷରେ କଣ ଥାଏ ?

(A) ଅକ୍ଷର (B) ସ୍ୱରଧ୍ୱନି
(C) ବ୍ୟଞ୍ଜନଧ୍ୱନି (D) ସ୍ୱର୍କଧ୍ୱନି

**2.** ସମାକ୍ଷରଲୋପରେ କାହାର ବିଲୋପ ଘଟେ ।

(A) ସ୍ୱରଧ୍ୱନି (B) ବ୍ୟଞ୍ଜନଧ୍ୱନି
(C) ଅକ୍ଷର (D) ଶବ୍ଦ

**3.** ବେଗି → ବେଇଗି ଏଠାରେ କେଉଁ ପରିବର୍ତ୍ତନ ଘଟିଛି ?

(A) ଅପିନିହିତ (B) ସ୍ୱରାଗମ
(C) ସ୍ୱର ସଂଗତି (D) କେଉଁଟି ନୁହେଁ

**4.** କେଉଁଟିକୁ ଉଷ୍ମୀକରଣ ନାମରେ ଗ୍ରହଣ କରାଯାଏ ?

(A) ସକାରୀକରଣ (B) ସଂଘର୍ଷୀକରଣ
(C) ନାସିକ୍ୟୀ କରଣ (D) ସଘୋଷୀ କରଣ

**5.** ଇଣ୍ଡୋୟୁରୋପୀୟ ଭାଷାଗୋଷ୍ଠୀକୁ 'କ' ଉଚ୍ଚାରଣ ଦୃଷ୍ଟିରୁ କେଉଁ ଦୁଇ ଭାଗରେ ବିଭକ୍ତ କରାଯାଇ ଥିଲା ?

(A) ଆର୍ଯ୍ୟ-ଦ୍ରାବିଡ଼ (B) ଆଗ୍ନିଆନ-କୁଚିଆନ
(C) ଇଣ୍ଡୋ-ଇରାନୀୟ (D) ସତମ-କେନ୍ଟୁମ



www.a2zSubjects.com

www.a2zSubjects.com

**6.** ତଗଡମାଳିର କେନ୍ଦ୍ରରେ ଥାଏ –

(A) ଯୋଭ
(B) ଆଶୀର୍ବାଦ
(C) ବ୍ୟଙ୍ଗ
(D) ସହୃଦୟତା

**7.** କେଉଁଟି ଏକ ବିଲୁପ୍ତ ଲୋକନାଟକ ?

(A) ଦେଶିଆ
(B) ମୋଗଲତାମସା
(C) ଲଳିତାପାଲା
(D) ଧନୁଯାତ୍ରା

**8.** 'କଥାଲହରୀ'ର ସଂକଳନ କିଏ କରିଥିଲେ ?

(A) ଜଣେ ବ୍ରାହ୍ମଣ ପୁରୁଷ
(B) ଜଣେ ବ୍ରାହ୍ମଣ ନାରୀ
(C) ଜଣେ କରଣ ପୁରୁଷ
(D) ଜଣେ କରଣ ନାରୀ

**9.** 'ଆ ବଳଦ ମତେ ବିନ୍ଧ' ପଦଟିରେ କେଉଁ ପ୍ରକାରର ଭାବ ବ୍ୟଞ୍ଜିତ ?

(A) ମୂର୍ଖତା
(B) ଦୟନୀୟତା
(C) ଅସହାୟତା
(D) ପ୍ରୌଢ଼ୀ

**10.** 'Folklore' ଶବ୍ଦର ପ୍ରଥମ ପ୍ରଚଳନ କର୍ତ୍ତା କିଏ ?

(A) ଫ୍ରାନ୍‌ଜ କୋରମ
(B) ଆଲାନ ଡାଣ୍ଡିଜ
(C) ଡବ୍ଲ୍ୟୁ.ଜେ. ଥୋମସ
(D) ଲରି ହ୍ୱଙ୍କୋ

**11.** 'ଜିଘୃକ୍ଷା' ଶବ୍ଦର ଅର୍ଥ କଣ ?

(A) ଦୟା କରିବାର ଇଚ୍ଛା
(B) ଗ୍ରହଣ କରିବାର ଇଚ୍ଛା
(C) ଘୃଣା କରିବାର ଇଚ୍ଛା
(D) ଦାନ କରିବାର ଇଚ୍ଛା

**12.** କେଉଁଟି ଶୁଦ୍ଧଶବ୍ଦ ?

(A) ଦୂରାବସ୍ଥା
(B) ଦୂରାବସ୍ତା
(C) ଦୁରାବସ୍ଥା
(D) ଦୁରବସ୍ଥା



www.a2zSubjects.com

**13.** 'ଚଳିଷ୍ଣୁ' ଶବ୍ଦର ଅର୍ଥ କଣ ?

(A) ଗମନଶୀଳ (B) ଧୀରଗମନ

(C) ସ୍ଥାଣୁତା (D) ଦ୍ରୁତଗମନ

**14.** କେଉଁଟି ଶୁଦ୍ଧ ଶବ୍ଦ ?

(A) ଆଷିସ (B) ଆଶିଷ

(C) ଆଶୀଷ (D) ଆସିଶ

**15.** ଉପମାନ ଓ ଉପମେୟ୍ ମଧ୍ୟରେ 'ଅଭେଦ' ଆରୋପିତ ହେଲେ କେଉଁ ଅଳଂକାର ହୁଏ ?

(A) ଉପମା (B) ଅତିଶୟୋକ୍ତି

(C) ରୂପକ (D) ଉତପ୍ରେକ୍ଷା

**16.** 'ଔଚିତ୍ୟ'ର ପ୍ରମୁଖ ବ୍ୟାଖ୍ୟାତା କିଏ ?

(A) ଅଭିନବଗୁପ୍ତ (B) କୁନ୍ତକ

(C) ଭରତ (D) ଯେମେନ୍ଦ୍ର

**17.** 'ବକ୍ରୋକ୍ତି'ର ଉଦ୍‌ବର୍ତ୍ତକ କିଏ ?

(A) ଆନନ୍ଦବର୍ଦ୍ଧନ (B) କୁନ୍ତକ

(C) ଭରତ (D) ଭଟ୍ଟଲୋଲଟ

**18.** ଭାଗବତରେ ଯଦୁରାଜା ଓ ଅବଧୂତ ପ୍ରସଙ୍ଗ କିଏ କାହାକୁ କହିଥିଲେ ?

(A) ଶ୍ରୀକୃଷ୍ଣ, ଉଦ୍ଧବଙ୍କୁ (B) ଇନ୍ଦ୍ର, ମାତଳିଙ୍କୁ

(C) ଅଷ୍ଟବକ୍ର ମୁନି, ଶିଷ୍ୟଗଣଙ୍କୁ (D) ଗୁରୁସନ୍ଦୀପନୀ, ଶ୍ରୀକୃଷ୍ଣଙ୍କୁ



www.a2zSubjects.com

www.a2zSubjects.com

**19.** ''ଓ' କରିବି ଆଲୋଦାସୀ ଡାକିଲେ କିଶୋରୀ' – ପଦଟିର କିଶୋରୀ କିଏ ?

(A) ରୁକ୍ମିଣୀ (B) ବିଶାଖା

(C) ରାଧା (D) ଲଳିତା

**20.** 'କାଳିଆ କମଳ ଦେଖିଲେ କମଳ ନୟନରେ ହୁଏ ଜରଜର' – ପଦସ୍ଥ ରେଖାଙ୍କିତ ଶବ୍ଦଟି କାହାକୁ ବୁଝାଏ ?

(A) ଆୟତ (B) ପତ୍ର

(C) ପଦ୍ମ (D) ଜଳ

**21.** 'ଚାଟଇବାବତୀ' ର ରଚୟିତା କିଏ ?

(A) ଅର୍ଜୁନ ଦାସ (B) ବନମାଳୀ ଦାସ

(C) ମାର୍କଣ୍ଡଦାସ (D) ଦେବଦୁର୍ଲ୍ଲଭ ଦାସ

**22.** କିଏ 'ଶଶିସେଣା' କାବ୍ୟର ରଚୟିତା ?

(A) ପୁରୁଷୋତ୍ତମ ଦାସ (B) ଶିଶୁଶଂକର

(C) ଦେବଦୁର୍ଲ୍ଲଭ ଦାସ (D) ପ୍ରତାପରାୟ୍

**23.** 'କଥାରେ କଥାରେ' କି ପ୍ରକାର ଗ୍ରନ୍ଥ ?

(A) ଗଳ୍ପ ସଂକଳନ (B) କବିତା ସଂକଳନ

(C) ଆତ୍ମଜୀବନୀ (D) ଉପନ୍ୟାସ

**24.** କୁନ୍ତଳାକୁମାରୀ କେଉଁ ପ୍ରକାଶନ ସଂସ୍ଥା ସହିତ ଜଡ଼ିତ ଥିଲେ ?

(A) ଭରତୀତପୋବନ

(B) ସାଥୀ ସିରିଜ୍

(C) ମୁକୁର ଉପନ୍ୟାସ ମାଳା

(D) ଆନନ୍ଦ ଲହରୀ ଉପନ୍ୟାସ ମାଳା



www.a2zSubjects.com

www.a2zSubjects.com

**25.** କେଉଁଟି ଗୋପାଳ ଛୋଟରାୟଙ୍କ ରଚନା ?

(A) ଜୟମାଲ୍ୟ (B) ତଟନିରଞ୍ଜନା

(C) ମୃଗୟା (D) ଭରସା

**26.** ତୁଳନାମୂଳକ ସାହିତ୍ୟ ଆଲୋଚନାକୁ କିଏ 'ବିଶ୍ୱସାହିତ୍ୟ' ଭାବେ ଚିହ୍ନିତ କରିଥିଲେ ?

(A) ଜି. ଶଂକର କୁରୁପ (B) ରବୀନ୍ଦ୍ରନାଥ

(C) କେ.ଏସ୍. ଜର୍ଜ (D) ଦେବେନ୍ଦ୍ର ସତ୍ୟାର୍ଥୀ

**27.** ଜାକ୍ ଡେରିଡା କେଉଁ ସାହିତ୍ୟତତ୍ତ୍ୱର ପ୍ରବର୍ତ୍ତକ ?

(A) ବିଘଟନ (B) ନନ୍ଦନତାତ୍ତ୍ୱିକ

(C) ଉତ୍ତର ସଂରଚନାବାଦ (D) ଉତ୍ତର ଔପନିବେଶିକବାଦ

**28.** କେଉଁଟି ସୁରେନ୍ଦ୍ର ମହାନ୍ତିଙ୍କ ରଚନା ?

(A) ଫକୀରମୋହନ ସମୀକ୍ଷା (B) ସରସ୍ୱତୀ ଫକୀରମୋହନ

(C) ସାହିତ୍ୟ ସାଧକ ଫକୀରମୋହନ (D) ଯୁଗସ୍ରଷ୍ଟା ଫକୀରମୋହନ

**29.** ପ୍ରଥମ ଓଡ଼ିଆ ବୈଜ୍ଞାନିକ ଉପନ୍ୟାସର ସ୍ରଷ୍ଟା କିଏ ?

(A) ବିରାଜ ମୋହନ ସେନାପତି (B) ପ୍ରମୋଦ ମହାପାତ୍ର

(C) ଗୋକୁଳାନନ୍ଦ ମହାପାତ୍ର (D) ହରିହର ପଟ୍ଟନାୟକ

**30.** କିଏ 'ସାନ ଗୋଟିଏ ଜୀବନ' ର ଲେଖକ ?

(A) ଗୋବିନ୍ଦ ତ୍ରିପାଠୀ (B) ଗୋବିନ୍ଦ ଦାସ

(C) ଗୋବିନ୍ଦ ଶୂରଦେଓ (D) ଗୋବିନ୍ଦ ସାହୁ



www.a2zSubjects.com

www.a2zSubjects.com

**31.** ପ୍ରକାଶକାଳ ଅନୁଯାୟୀ ଉପଯୁକ୍ତ କ୍ରମ ନିର୍ଦ୍ଧାରଣ କର ।

(A) ଉଷା, ଚିଲିକା, ପାର୍ବତୀ, ମହାଯାତ୍ରା

(B) ଚିଲିକା, ଉଷା, ପାର୍ବତୀ, ମହାଯାତ୍ରା

(C) ପାର୍ବତୀ, ଚିଲିକା, ଉଷା, ମହାଯାତ୍ରା

(D) ଉଷା, ପାର୍ବତୀ, ଚିଲିକା, ମହାଯାତ୍ରା

**32.** ପ୍ରକାଶକାଳ ଅନୁଯାୟୀ ଉପଯୁକ୍ତ କ୍ରମ ନିର୍ଦ୍ଧାରଣ କର ।

(A) ଉତ୍କଳପ୍ରଭ, ଅରୁଣୋଦୟ, ପ୍ରଦୀପ, ଉତ୍କଳଦର୍ପଣ

(B) ପ୍ରଦୀପ, ଅରୁଣୋଦୟ, ଉତ୍କଳପ୍ରଭ, ଉତ୍କଳଦର୍ପଣ

(C) ଅରୁଣୋଦୟ, ଉତ୍କଳଦର୍ପଣ, ପ୍ରଦୀପ, ଉତ୍କଳପ୍ରଭ

(D) ଉତ୍କଳଦର୍ପଣ, ପ୍ରଦୀପ, ଅରୁଣୋଦୟ, ଉତ୍କଳପ୍ରଭ

**33.** ଜନ୍ମ ମସିହା ଅନୁଯାୟୀ ବଡ଼ରୁ ସାନ କ୍ରମରେ ସଜାଅ ।

(A) ପଣ୍ଡିତବିନାୟକ ମିଶ୍ର, ପଣ୍ଡିତ ସୂର୍ଯ୍ୟନାରାୟଣଦାଶ, ପଣ୍ଡିତନୀଳକଣ୍ଠ, କୁଞ୍ଜବିହାରୀ ତ୍ରିପାଠୀ

(B) ପଣ୍ଡିତନୀଳକଣ୍ଠ, ପଣ୍ଡିତବିନାୟକ ମିଶ୍ର, ପଣ୍ଡିତ ସୂର୍ଯ୍ୟନାରାୟଣଦାଶ, କୁଞ୍ଜବିହାରୀ ତ୍ରିପାଠୀ

(C) ପଣ୍ଡିତ ସୂର୍ଯ୍ୟନାରାୟଣଦାଶ, ପଣ୍ଡିତନୀଳକଣ୍ଠ, ପଣ୍ଡିତବିନାୟକ ମିଶ୍ର, କୁଞ୍ଜବିହାରୀ ତ୍ରିପାଠୀ

(D) ପଣ୍ଡିତବିନାୟକ ମିଶ୍ର, ପଣ୍ଡିତନୀଳକଣ୍ଠ, ପଣ୍ଡିତ ସୂର୍ଯ୍ୟନାରାୟଣଦାଶ, କୁଞ୍ଜବିହାରୀ ତ୍ରିପାଠୀ

**34.** ପ୍ରକାଶକାଳ ଅନୁଯାୟୀ ଉପଯୁକ୍ତକ୍ରମ ଦର୍ଶାଅ ।

(A) ଛମାଣଆଠଗୁଣ୍ଠ, ଲଛମା, ମାମୁ, ପ୍ରାୟଶ୍ଚିତ୍ତ

(B) ଛମାଣଆଠଗୁଣ୍ଠ, ପ୍ରାୟଶ୍ଚିତ୍ତ, ମାମୁ, ଲଛମା

(C) ଛମାଣଆଠଗୁଣ୍ଠ, ଲଛମା, ପ୍ରାୟଶ୍ଚିତ୍ତ, ମାମୁ

(D) ଛମାଣଆଠଗୁଣ୍ଠ, ମାମୁ, ଲଛମା, ପ୍ରାୟଶ୍ଚିତ୍ତ



www.a2zSubjects.com

www.a2zSubjects.com

**35.** ମାଳଶ୍ରୀକଣ ?

(A) ଦେବତା ବନ୍ଦନା ମୂଳକ ଗୀତ
(B) ଦେଶ ବନ୍ଦନା ମୂଳକ ଗୀତ
(C) ଆଶୀର୍ବଚନ ମୂଳକଗୀତ
(D) ଦେବୀ ବନ୍ଦନା ମୂଳକ ଗୀତ

**36.** ପ୍ରଥମ ଓଡ଼ିଆ ବୈଜ୍ଞାନିକ ଉପନ୍ୟାସ କେଉଁଟି ?

(A) ଚଳନ୍ତା ରାଇଜର ଆମୁହାଁନିଇ
(B) ଶ୍ୟାମସୁନ୍ଦରର ସ୍ୱପ୍ନ
(C) ଚନ୍ଦ୍ରର ମୃତ୍ୟୁ
(D) ପୃଥିବୀ ବାହାରେ ମଣିଷ

**37.** କେଉଁଟି ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ କୃତିନୁହେଁ ?

(A) ନୀତି ଶତକ
(B) ଉପକଥା ଶତକ
(C) ବୈରାଗ୍ୟ ଶତକ
(D) ଶୃଙ୍ଗାର ଶତକ

**38.** କେଉଁଟି ବ୍ୟୋମକେଶ ତ୍ରିପାଠୀଙ୍କ ନାଟକ ନୁହେଁ ?

(A) ସିଂହଦ୍ୱାର
(B) ଜାଗରଣ
(C) ମୁଠାଏମାଟି
(D) ସୁନାଫଗୁଆ

**39.** 'ବନ୍ଦେଉତ୍କଳ ଜନନୀ' ସଂଗୀତର କବି କିଏ ?

(A) ଗୋଦାବରୀଶ ମହାପାତ୍ର
(B) ଲକ୍ଷ୍ମୀକାନ୍ତ ମହାପାତ୍ର
(C) ଯଦୁମଣି ମହାପାତ୍ର
(D) ହରିହର ମହାପାତ୍ର

**40.** 'ଆହେ ଦୟାମୟ ବିଶ୍ୱବିହାରୀ' ପ୍ରାର୍ଥନାର ରଚୟିତା କିଏ ?

(A) ପଦ୍ମଚରଣପଟ୍ଟନାୟକ
(B) ମଧୁସୁଧନ ରାଓ
(C) ରାମକୃଷ୍ଣ ନନ୍ଦ
(D) ଗଙ୍ଗାଧର ମେହେର



www.a2zSubjects.com

www.a2zSubjects.com

**41.** 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ଉପଯୁକ୍ତ ସଂପର୍କ ନିରୂପଣ କର ।

| **'କ' ସ୍ତମ୍ଭ** | **'ଖ' ସ୍ତମ୍ଭ** |
|---|---|
| (a) ପ୍ରତିଭ ଶତପଥୀ | (i) ମୋକଥା ଶାନ୍ତିନିକେନେରକଥା |
| (b) ଦିନନାଥ ପାଠୀ | (ii) ଶୈଶବରୁ ସଂସାର |
| (c) ଦେବୀ ପ୍ରସନ୍ନ ପଟ୍ଟନାୟକ | (iii) ଦିଗପହଣ୍ଡିର ଡ୍ରଇଂମାଷ୍ଟ୍ରେ |
| (d) ପ୍ରସନ୍ନମିଶ୍ର | (iv) ଅନେକ ଜୀବନ |

| | (a) | (b) | (c) | (d) |
|---|---|---|---|---|
| (A) | (ii) | (iii) | (iv) | (i) |
| (B) | (i) | (iv) | (iii) | (ii) |
| (C) | (iii) | (i) | (iv) | (ii) |
| (D) | (iv) | (ii) | (i) | (iii) |

**42.** 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ଉପଯୁକ୍ତ ସଂପର୍କ ନିରୂପଣ କର ।

| **'କ' ସ୍ତମ୍ଭ** | **'ଖ' ସ୍ତମ୍ଭ** |
|---|---|
| (a) ଭଇନାଥ ଓ ଅନ୍ୟମାନେ | (i) ଫତୁରାନନ୍ଦ |
| (b) ଭଗବାଁର ଦେଶ | (ii) ଜଗନ୍ନାଥ ପ୍ରସାଦଦାସ |
| (c) ଭୋଟ | (iii) ଚୌଧୁରୀ ହେମକାନ୍ତ ମିଶ୍ର |
| (d) ଭଲ୍ଲୁକର ପୂରାପ୍ୟାଣ୍ଟ ଓ ଅନ୍ୟାନ୍ୟଗପ | (iv) ପ୍ରତିଭ ରାୟ |

| | (a) | (b) | (c) | (d) |
|---|---|---|---|---|
| (A) | (i) | (iv) | (iii) | (ii) |
| (B) | (iii) | (ii) | (iv) | (i) |
| (C) | (ii) | (iv) | (i) | (iii) |
| (D) | (i) | (iv) | (ii) | (iii) |



www.a2zSubjects.com

**43.** ନିମ୍ନରେ ଦୁଇଟି ମନ୍ତବ୍ୟ ରହିଚ୍ଛି । ପ୍ରଥମଟି ସ୍ଥାପନା (A) ଓ ଦ୍ୱିତୀୟଟି ଯୁକ୍ତି (R) । ନିମ୍ନ ବିକଳ୍ପ ଗୁଡ଼ିକରୁ ନିଜ ଉତ୍ତରଟି ସ୍ଥିରକର ।

**ସ୍ଥାପନା (Assertion) –** ସମାଜରେ ଯେତେବେଳେ ଯେଉଁ ପ୍ରକାର ପରିବର୍ତ୍ତନ ଘଟେ, ସାହିତ୍ୟରେ ମଧ୍ୟ ତାର ପ୍ରତିଫଳନ ପରିଲକ୍ଷିତ ହୁଏ ।

**ଯୁକ୍ତି (Reasoning) –** କାରଣ, ସାହିତ୍ୟ ସର୍ବଦା ପରିବର୍ତ୍ତନ ଆଶ୍ରୟୀ ।

(A) (A) ଓ (R) ଉଭୟ ଭୁଲ୍ (B) (A) ଠିକ୍ ଓ (R) ଭୁଲ୍

(C) (A) ଓ (R) ଉଭୟ ଠିକ୍ (D) (A) ଭୁଲ ଓ (R) ଠିକ୍

**44.** **ସ୍ଥାପନା (Assertion) –** ତଗତମାଳି ବହୁଶତବର୍ଷର ବହୁପୁରୁଷାନୁକ୍ରମେ ସଞ୍ଚିତ ମାନବ ପ୍ରକୃତି ଉପରେ ଟୀକା ।

**ଯୁକ୍ତି (Reasoning) –** ପୁରୁଷାନୁକ୍ରମିକ ଭାବେ ତଗ ଗୋଟିଏ ସଂସ୍କୃତିରେ ରହିଥିବାରୁ ମାନବ ପ୍ରକୃତିର ବ୍ୟାଖ୍ୟାକରିପାରେ ।

(A) (A) ଭୁଲ ଓ (R) ଠିକ୍ (B) (A) ଓ (R) ଉଭୟ ଭୁଲ୍

(C) (A) ଓ (R) ଉଭୟ ଠିକ୍ (D) (A) ଠିକ୍ ଓ (R) ଭୁଲ୍

**45.** **ସ୍ଥାପନା (Assertion) –** ଅନୁବାଦ ଓ ଅନୁସରଣ ମାଧ୍ୟମରେ ସରଳାଦାସଙ୍କ କାବ୍ୟମାନ ରଚିତ ହୋଇଥିଲେହେଁ କାବ୍ୟର ପତ୍ରେପତ୍ରେ କବିଙ୍କ ମୌଳିକତା ପରିଦୃଷ୍ଟ ହୁଏ ।

**ଯୁକ୍ତି (Reasoning) –** ଅନୁବାଦରେ ମୌଳିକତା ପ୍ରଦର୍ଶନର ସୁଯୋଗଥାଏ ତଥା ମୌଳିକତା ସର୍ବଦା ଅନୁବାଦ ଓ ଅନୁସରଣକୁ ଭିତ୍ତି କରିଥାଏ ।

(A) (A) ଠିକ୍ ଓ (R) ଆଂଶିକ ଠିକ୍ (B) (A) ଭୁଲ ଓ (R) ସଂପୁର୍ଣ ଠିକ୍

(C) (A) ଓ (R) ଉଭୟ ଭୁଲ୍ (D) (A) ଓ (R) ଉଭୟ ଠିକ୍

**46.** **ସ୍ଥାପନା (Assertion) –** ନିର୍ଭୟହୋଇ ଆପଣାର ଜୀବନରେ ଆପଣାର ଆକାଂକ୍ଷାକୁ ପରିପୂର୍ଣ୍ଣ କରିବାକୁ ଚେଷ୍ଟାକର । ଏହାହିଁ ହେଉଚ୍ଛି ମଣିଷର ବାଟ । ଏହାହିଁ ହେଉଚ୍ଛି ନୂତନ ବ୍ୟବହାର ବାଟ ।

**ଯୁକ୍ତି (Reasoning) –** ବିପ୍ଳବ ବ୍ୟକ୍ତି ଓ ସମୂହ ମଧ୍ୟରେ ଅନୁତୋଭୟତା ସୃଷ୍ଟି କରିଥାଏ ।

(A) (A) ଠିକ୍ ଓ (R) ଭୁଲ୍ (B) (A) ଓ (R) ଉଭୟ ଠିକ୍

(C) (A) ଓ (R) ଉଭୟ ଭୁଲ୍ (D) (A) ଭୁଲ ଓ (R) ଠିକ୍



www.a2zSubjects.com

www.a2zSubjects.com

୧୮୯୯ ମସିହାର ନ' ଅଙ୍କ ଦୁର୍ଭିକ୍ଷ ଓଡ଼ିଶାର ରାଜନୀତିକ, ସାମାଜିକ ଜୀବନଧାରାକୁ ବିପର୍ଯ୍ୟୟ୍ ଆଣିବା ସହିତ ଓଡ଼ିଆ ଜାତିର ଜୀବନଧାରାକୁ ଏକ ପ୍ରକାର ନିଷ୍ପ୍ରଭ କରିଦେଇଥିଲା । କିନ୍ତୁ ଏହି ଦାରୁଣ ଦୁଃସ୍ଥିତି ଓଡ଼ିଆ ଜାତିୟ୍‌ଜୀବନରେ ସୃଷ୍ଟି କରିଥିଲା ନବଜାଗରଣ । ଓଡ଼ିଆମାନେ ସେମାନଙ୍କ ସ୍ୱାଭିମାନ ଓ ଆତ୍ମପରିଚିତ ପ୍ରତିଷ୍ଠା ପାଇଁ ଉଦ୍ୟମ କଲେ । ଫଳତଃ ନବଜାଗରଣର ଶୁଭାରମ୍ଭ ହେଲା । ମୁଦ୍ରଣ ଯନ୍ତ୍ର ପ୍ରତିଷ୍ଠା, ପତ୍ର ପତ୍ରିକା ପ୍ରକାଶନ, ସାହିତ୍ୟ ସଂଗଠନରୁ ଆଧୁନିକ ସାହିତ୍ୟର ଜନ୍ମ । ଆଧୁନିକ ଓଡ଼ିଆ ସାହିତ୍ୟ ଏକଶ୍ୱତନ୍ତ୍ର ପରିସ୍ଥିତି ଓ ପରିବେଶରୁ ସୃଷ୍ଟି କହିଲେ ସତ୍ୟର ଅପଲାପ ହେବନାହିଁ । ଆଧୁନିକ ଓଡ଼ିଆ ସାହିତ୍ୟରେ ପାଶ୍ଚାତ୍ୟ ପ୍ରଭାବ ସୁସୁଷ୍ଟା । କାରଣ ଉନବିଂଶ ଶତାବ୍ଦୀର ଶେଷ ଏବଂ ବିଂଶଶତାବ୍ଦୀର ଓଡ଼ିଶାରେ ପାଶ୍ଚାତ୍ୟଶିକ୍ଷା ଓ ଇଂରେଜ ପ୍ରଶାସନ ହେତୁ ଓଡ଼ିଶାର ଜନଜୀବନରେ ଅଭୁତପୂର୍ବ ପରିବର୍ତ୍ତନ ଦେଖା ଦେଇଥିଲା ।

ଉପରୋକ୍ତ ଅନୁଚ୍ଛେଦଟି ପଢ଼ି ନିମ୍ନ ପ୍ରଶ୍ନ ମାନଙ୍କର ଠିକ୍ ଉତ୍ତର ନିରୂପଣ କର ।

**47.** ଓଡ଼ିଆ ଜାତିର ଜୀବନଧାରା କାହିଁକି ନିଷପ୍ରଭ ହୋଇପଡ଼ିଥିଲା ?

(A) ଓଡ଼ିଶା ଥିଲା ପରାଧୀନ

(B) ରାଜନୀତିକ ଓ ସାମାଜିକ ସ୍ଥିତାବସ୍ଥା ଥିଲା ନିଷ୍କ୍ରିୟ୍

(C) ଜାତୀୟ୍ ଜୀବନ ଥିଲା ଅନୁନ୍ନତ

(D) ସାମାଜିକ ଓ ରାଜନୀତିକ ଜୀବନ ହୋଇପଡ଼ିଥିଲା ବିପର୍ଯ୍ୟସ୍ତ

**48.** ନବଜାଗରଣ ଆରମ୍ଭର କାରଣ କଣ ?

(A) ମୁଦ୍ରଣଯନ୍ତ୍ରର ପ୍ରତିଷ୍ଠା (B) ଇଂରେଜ ମାନଙ୍କର ଆଗମନ

(C) ଓଡିଆର ଆତ୍ମପରିଚିତ ପ୍ରଚେଷ୍ଟା (D) ନ' ଅଙ୍କ ଦୁର୍ଭିକ୍ଷର କ୍ଷୟ୍କ୍ଷତି

**49.** ଆଧୁନିକ ସାହିତ୍ୟର ଜନ୍ମ କି ଭାବରେ ଘଟିଲା ?

(A) ବହୁ ପ୍ରତିଭାଧର ସାହିତ୍ୟିକଙ୍କ ସ୍ମମମୟ୍ରେ ଜନ୍ମ

(B) ପ୍ରେସ୍ ପ୍ରତିଷ୍ଠା ଓ ପତ୍ରପତ୍ରିକା ପ୍ରକାଶନ ଉଦ୍ୟମ

(C) ଆଧୁନିକ ଶିକ୍ଷାର ବିକାଶ ଓ କଲେଜ ପ୍ରତିଷ୍ଠା

(D) ଇଂରେଜୀ ସାହିତ୍ୟ ଚର୍ଚ୍ଚା

**50.** ଓଡ଼ିଶାର ଜନଜୀବନରେ ଦେଖା ଦେଇଥିବା ପରିବର୍ତ୍ତନର ଅନ୍ୟତମ କାରଣ କଣ ?

(A) ପାଶ୍ଚାତ୍ୟ ଶିକ୍ଷା (B) ଖ୍ରୀଷ୍ଟଧର୍ମର ବହୁଳ ପ୍ରଚାର

(C) ପାରଂପରିକ ଶିକ୍ଷାର ପୁନଃ ପ୍ରତିଷ୍ଠା (D) ଇଂରେଜୀ ସାହିତ୍ୟର ସଂସ୍ରବ



www.a2zSubjects.com

www.a2zSubjects.com

**Space For Rough Work**



www.a2zSubjects.com